ଘରଢ଼ିଙ୍କି

କବି ରଘୁନାଥ ଦାସ

ମନ୍ତ୍ରୀ ହୋ, ଗୁଣ ଗାଉଥିବୁ ତୁମରି-
ମାୟାବୀ କଥାରେ ସ୍ୱାଧୀନତା ବୋଲି କୁହୁଡ଼ିରେ ଗଲୁଁ ପହଁରି ।୦ ।

ମାଉଣ୍ଟବାଟେନ୍ କପି ହେଲା କାଜି,
ଯୋତା ଚାଟିବାକୁ ନେତା ହେଲେ ରାଜି,
ଗୋରା ପୁଞ୍ଜିଜଗା ହାତପାତି-ମଗା ମୁକତି ନୁହଁ ସେ, ନକଲି ।୧ ।

ଗାନ୍ଧୀ ଗାନ୍ଧୀ ବୋଲି ଆଖି ବାନ୍ଧି ଦେଇ
ରାମାନନ୍ଦୀ ଚିତା ସଳଖେ ଚଢ଼େଇ
ରାମରାଜ୍ୟ ଫନ୍ଦି ଫିକରରେ ଗାଦି
(ଭଲା) ମାରିନେଲା ଚୋରା-ବେପାରୀ ।୨ ।

ଚଷା କଂସା ବିକି ଜମିଦାର ପୋଷା
ରଜା ଖଜା ଖିଆ ନୂଆକର ବସା
ଶୋଷା ସରକାର ନିତି କରେ ଓଷା, ଆମେ କାଳୀଗାଈ ଦୁହାଳି ।୩ ।

ଟଙ୍କାରେ ମାଣେ ନ ମିଳେ ଚାଉଳ
ଦଶଗୁଣା ହେଲା ଦରବର ମୂଲ
ହରବର ହୋଇ ମରିଲୁ ତ ଆମେ, ହାତରୁ ସରିଚି କଉଡ଼ି ।୪ ।

ଦିନକରେ ଥରେ ଜଳେ ନାହିଁ ଚୁଲି
ପାଟି କଲେ ଲାଠି, ହଲିଗଲେ ଗୁଳି,
ଘର ଢ଼ିଙ୍କି ମୋର କୁମ୍ଭୀର ହୋଇଲା କା ଆଗେ କରିବି ଗୁହାରି? ।୫ ।

www.jatayu.org

କାବ୍ୟକୃତି - ଗୀତି କବିତା

ଘରଢ଼ିଙ୍କି

କବି ରଘୁନାଥ ଦାସ

www.jataayu.org